**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**No-GE (GL) S-22/2007/9775/R & DM** **ତାରିଖ: ୨୫.୨.୨୦୦୮**

ପ୍ରେରକ

ଜି.ଭି.ଭି. ଶର୍ମା

କମିଶନର ତଥା ଶାସନ ସଚିବ

ପ୍ରାପ୍ତେଷୁ,

ସମସ୍ତ ଜିଲ୍ଲାପାଳ

ବିଷୟ: ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ ଏବଂ ଏହାର ଅନ୍ତର୍ଗତ ପ୍ରସ୍ତୁତ ନିୟମାବଳୀ କାର୍ଯ୍ୟକାରୀ ସମ୍ବନ୍ଧରେ।

ଦ୍ରଷ୍ଟବ୍ୟ: ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ସଂକଳ୍ପନାମା ସଂଖ୍ୟା ୪୬୯୪ ତାରିଖ ୧.୨.୨୦୦୮ ଏବଂ ମୁଖ୍ୟ ଶାସନ ସଚିବଙ୍କ ସାରକୁଲାର ସଂଖ୍ୟା ୬୧୮୨ / ଏସ୍.ଏସ୍.ଡ଼ି, ତାରିଖ ୧୫.୨.୨୦୦୮।

ମହାଶୟ,

ଉପରୋକ୍ତ ଦ୍ରଷ୍ଟବ୍ୟ ନିର୍ଦ୍ଦେଶକ୍ରମେ ସମସ୍ତ ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲାରେ ଏହି ଆଇନ୍ ଓ ଏହାର ନିୟମାବଳୀକୁ ସଠିକ୍ ଭାବରେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସର୍ବୋଚ୍ଚ ପ୍ରାଥମିକତା ଦେବାପାଇଁ ମୁଁ ଆହ୍ୱାନ କରୁଛି । ଆପଣଙ୍କ ଜିଲ୍ଲାରେ ଆପଣ ଏଥିପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥିର କରିବା ପାଇଁ ସ୍ୱତନ୍ତ୍ର ଭାବେ ଅନୁରୋଧ କରାଯାଉଛି ଯେଉଁଠାରେ ପଞ୍ଚାୟତିରାଜ, ରାଜସ୍ୱ, ଆଦିବାସୀ ଓ ହରିଜନ ଉନ୍ନୟନ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ଅଧିକାରୀମାନେ ଏହି ଆଇନର ନିୟମାବଳୀ, କାର୍ଯ୍ୟକାରୀ ପଦ୍ଧତି ଓ ଦାୟିତ୍ୱ ଉପରେ ସ୍ପଷ୍ଟଭାବେ ଅବଗତ ହୋଇପାରିବେ। ଏଥି ନିମନ୍ତେ ଗତ ୦୨/୦୨/୨୦୦୮ ରିଖ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ତାଲିମ୍ କର୍ମାଶାଳାରେ ଅଂଶ ଗ୍ରହଣ କରିଥିବା ତାଲିମଦାତାମାନଙ୍କର ଏକକିତା ତାଲିକା ଆପଣମାନଙ୍କ ସହଜ ଅବଗତ ନିମନ୍ତେ ସଂଲଗ୍ନ କରାଯାଇଛି। ଏହି ଆଇନ୍‌ର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ଆପଣଙ୍କ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାରେ କାର୍ଯ୍ୟରତ ସଂପୃକ୍ତ ତାଲିମଦାତାମାନଙ୍କୁ ସାମିଲ କରିବା କ୍ଷେତ୍ରରେ ଆପଣ ପଦକ୍ଷେପ ନେଇ ପାରନ୍ତି।

୨. ଆପଣମାନେ ସର୍ବୋଚ୍ଚ ନ୍ୟାୟାଳୟରେ ଟି.ଏନ୍.ଗୋଦାଭରମନ୍ ମୋକଦ୍ଦମାର ଅନୁଭୂତି ସଂପର୍କରେ ଅବଗତ ଥିବେ। ଜଙ୍ଗଲ ସେବା ଆଇନ ଅନୁସାରେ ଜିଲ୍ଲାପାଳମାନଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କମିଟିମାନ ଗଠନ କରାଯାଇଥିବା ସତ୍ତ୍ୱେ ଲୋକମାନଙ୍କର ଅନେକ ଆପତ୍ତି ଅଭିଯୋଗ ଅମୀମାଂସିତ ରହିଥିଲା ଯାହା ବର୍ତ୍ତମାନର ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନରେ ସ୍ୱୀକୃତି ପାଇଛି। ଏଥିପାଇଁ ଏହି ଆଇନ ଦ୍ୱାରା ଗଢ଼ାଯାଇଥିବା ବିଭିନ୍ନ କମିଟିଗୁଡ଼ିକ ଫଳପ୍ରଦ ତଥା ସୁଚାରୁ ରୂପେ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ। ଏହା ସମ୍ଭବ ହେଲେହେଁ ଆଇନ ପରିସରଭୁକ୍ତ ବ୍ୟକ୍ତିବିଶେଷ ସେମାନଙ୍କର ନ୍ୟାର୍ଯ୍ୟ ଦାବିଗୁଡ଼ିକ ହାସଲ କରିପାରିବେ।

୩. ଆପଣ ଦୃଷ୍ଟିରେ ରଖନ୍ତୁ ଯେ ଏହି ଆଇନରେ ଯେତେବେଳେ ଜଣେ ବ୍ୟକ୍ତି ତାଙ୍କର ଦାବି ଜଙ୍ଗଲ ଅଧିକାର କମିଟି ବା ଗ୍ରାମସଭାରେ ଦାଖଲ କରିବେ ଏବଂ ଗ୍ରାମସଭା ତାଙ୍କ ଦାବିର ବିଚାର କରିବେ ତଥା ଏହାର ସୁପାରିସ କରିବେ ସେତେବେଳେ ସ୍କେଲ୍ ଅନୁଯାୟୀ ସଠିକ୍ ମାପର ମ୍ୟାପ ପ୍ରସ୍ତୁତ କରିବାର ଆବଶ୍ୟକତା ନାହିଁ। ସେ ଯାହା ହେଉ ଉପଖଣ୍ଡସ୍ତରୀୟ କମିଟି ସ୍ତରରୁ ପଠାଯାଇଥିବା ଗ୍ରାମ ସଭାର ସୁପାରିସ ଗୁଡ଼ିକରେ ସଠିକ୍ ସ୍କେଲ୍ ଅନୁଯାୟୀ ନକ୍ସା ପ୍ରସ୍ତୁତି କରାଯାଇ ଗ୍ରାମର ମାନଚିତ୍ର ଉପରେ ଅଧାରୋପିତ (Superimpose) ହେବା ପ୍ରକ୍ରିୟାକୁ ସୁନିଶ୍ଚିତ କରାଇବା ପାଇଁ ଆପଣଙ୍କୁ ଅନୁରୋଧ କରାଯାଉଛି। ଏହା ଜିଲ୍ଲାସ୍ତରୀୟ କମିଟିକୁ ସ୍ପଷ୍ଟ ଏବଂ ସ୍ୱଚ୍ଛତାର ସହିତ ନିଷ୍ପତ୍ତି ନେବାରେ ସହାୟକ ହେବ ଏବଂ ଯାଞ୍ଚ ପ୍ରକ୍ରିୟାଟି ସହଜ ଓ ସରଳ ହେବ। ଉପଖଣ୍ଡ ସ୍ତରୀୟ କମିଟିକୁ ସହାୟତା କରିବାପାଇଁ ଆବଶ୍ୟକ ସଂଖ୍ୟକ ଅମିନଙ୍କୁ କାର୍ଯ୍ୟରେ ନିୟୋଜନ କରିବା ପ୍ରକ୍ରିୟାକୁ ଆପଣ ସୁନିଶ୍ଚିତ କରିବେ।

୪. ଆପଣ ଅବଗତ ଥିବେ ଯେ, ଏହି ଆଇନ୍‌ରେ ସ୍ୱୀକୃତି ପାଇଥିବା ଅଧିକାର  କେବଳ ଜମି ଅଧିକାର ନୁହେଁ, ବରଂ ଏଥି ସହିତ ଆଇନର ଧାରା ୩ (୧) 'କ' ଠାରୁ 'ଡ' ପର୍ଯ୍ୟନ୍ତ ସ୍ଥାନ ପାଇଥିବା ଅନ୍ୟାନ୍ୟ ଅଧିକାର ଗୁଡ଼ିକ ଅନ୍ତର୍ଭୁକ୍ତ ଅଟେ। ଆଇନର ଧାରା ୪ (୭)ରେ ଉଲ୍ଲେଖ ଥିବା ପ୍ରତିବନ୍ଧକଗୁଡ଼ିକ ଉପରୋକ୍ତ ସ୍ୱୀକୃତିପ୍ରାପ୍ତ ଅଧିକାର ଗୁଡ଼ିକ ପ୍ରତି ଲାଗୁ ହେବନାହିଁ। ଗାଁ'ର ନକ୍ସା, ତହସିଲ ବା ଜଙ୍ଗଲ ବିଭାଗ ଯେଉଁଠାରେ ଉପଲବ୍ଧ ହେଉନା କାହିଁକି ଗ୍ରାମ ସଭା / ଜଙ୍ଗଲ ଅଧିକାର କମିଟିକୁ ଏହାର ନକଲ ଯୋଗାଇ ଦେବା ନିତାନ୍ତ ଆବଶ୍ୟକ। ଆପଣ ଅଗବତ ନିମନ୍ତେ ସୂଚେଇ ଦିଆଯାଉଛି  ଯେ ଏହି ଆଇନ ସଂରକ୍ଷିତ ଜଙ୍ଗଲ / ସୁରକ୍ଷିତ ଜଙ୍ଗଲ / ଅଭୟାରଣ୍ୟ ତଥା ସମସ୍ତ ଜଙ୍ଗଲ ଜମି, ଯାହାକି ରାଜସ୍ୱ ବିଭାଗ  ଅଧିନସ୍ଥ ପତ୍ରା ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ ଇତ୍ୟାଦି, ପାଇଁ ମଧ ଲାଗୁ ହୋଇଛି। ଏସବୁ ପ୍ରାବଧାନକୁ ବିଚାର କରି ନିୟମାବଳୀର ଧାରା ୧୨ (୪) ଅନୁସାରେ ଆବଶ୍ୟକୀୟ ନଥିପତ୍ର/ ନକ୍ସା ଇତ୍ୟାଦି ଜଙ୍ଗଲ ଅଧିକାର କମିଟି / ଗ୍ରାମ ସଭାକୁ ବିନା ମୂଲ୍ୟରେ ଯେପରି  ଯୋଗାଇ ଦିଆଯାଇ ପାରିବ ସେଥିପାଇଁ ପଦକ୍ଷେପ ନେବାପାଇଁ ଅନୁରୋଧ।

୫. ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା  ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରାଯାଇଛି, ତାହା ହେଲା ଆଇନର ଧାରା ୭(୧) ଅନୁସାରେ ବାଉଁଶ ଏବଂ କେନ୍ଦୁପତ୍ରକୁ ଲଘୁ ବନଜାତ ଦ୍ରବ୍ୟର ମାନ୍ୟତା ପ୍ରଦାନ କରାଯାଇଛି।

୬. ଆପଣ ଜାଣିଥିବେ ଭାରତ ସରକାର ଯୋଜନା ଆୟୋଗରେ ସ୍ୱେଚ୍ଛାସେବୀ ସଂଗଠନ ମାନଙ୍କ ପାଇଁ ଏକ ଜାତୀୟ ଖସଡ଼ା ପ୍ରସ୍ତୁତ କରିଛନ୍ତି। ଏହି ଖସଡ଼ା ଅନୁସାରେ ଆନୁଷ୍ଠାନିକ ତଥା ଅଣ-ଆନୁଷ୍ଠାନିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା – ଗୋଷ୍ଠୀ ଭିତ୍ତିକ ଅନୁସାରେ, ବେସରକାରୀ ଉନ୍ନୟନ ଅନୁଷ୍ଠାନ, ସହାୟକ ଅନୁଷ୍ଠାନ, ଏହି ଅନୁଷ୍ଠାନଗୁଡ଼ିକର ସମୂହ, ତଥା ପେଶାଦାର ଅନୁଷ୍ଠାନ ଇତ୍ୟାଦି ଅନ୍ତର୍ଭୁକ୍ତ। ଏହି ଖସଡ଼ା ସହଭାଗିତାର ୩ଟି ମୁଖ୍ୟ ଅଂଶ ବିଷୟରେ କୁହେ ଯଥା-

(i) ଜିଲ୍ଲା, ରାଜ୍ୟ ଏବଂ କେନ୍ଦ୍ର ମଧ୍ୟରେ ଆନୁଷ୍ଠାନିକ ବିଚାର ବିମର୍ଷ ପ୍ରକ୍ରିୟା।

(ii) ଯେଉଁଠାରେ ଚିରନ୍ତନ ସାମାଜିକ ଗତିଶୀଳତା ଦୀର୍ଘମିଆଦି ସୂତ୍ରରେ ଜଟିଳତା ଥାଏ ସେ କ୍ଷେତ୍ରରେ କୌଶଳପୂର୍ଣ୍ଣ କାର୍ଯ୍ୟପନ୍ଥା ଜରିଆରେ ଏହାର ସମାଧାନ କରିବା।

(iii) ଷ୍ଟାଣ୍ଡାର୍ଡ଼ ଯୋଜନା ଦ୍ୱାରା ପ୍ରକଳ୍ପକୁ ଆର୍ଥିକ ସହାୟତା। ଯେହେତୁ ଏହି ଆଇନ୍ ଅଧିକ ଲୋକ ଅଂଶ ଗ୍ରହଣ (୬୬% ଉପସ୍ଥିତି– ଗ୍ରାମ ସଭା / ପଲ୍ଲୀ ସଭାରେ) ଆବଶ୍ୟକ କରେ ତେଣୁ ଆମକୁ ଦେଖିବାକୁ ହେବ ଯେ ଅଧିକରୁ ଅଧିକଲୋକ ଯେଭଳି ଭାବରେ ଏହି ଆଇନର ଗୁରୁତ୍ୱ ବିଷୟରେ ବୁଝିପାରନ୍ତି। ତେଣୁ ଆପଣଙ୍କ ଜିଲ୍ଲାରେ ନିଜ କାର୍ଯ୍ୟକ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇ ପାରିଲେ ଲାଭପ୍ରଦ ହେବ।

୭. ଆପଣଙ୍କ ଜିଲ୍ଲାପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆପଣ ଚୂଡ଼ାନ୍ତ କରି ଏହାର ସୂଚନା ନୋଡ଼ାଲ ବିଭାଗ (ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଉନ୍ନୟନ ବିଭାଗ) ଙ୍କୁ ତଥା ନିମ୍ନ ସାକ୍ଷରକାରୀଙ୍କୁ ଅବଗତ କରିବା ପାଇଁ ଅନୁରୋଧ । ଅଧିକ ଫଳପ୍ରଦ କାର୍ଯ୍ୟକାରୀତା ପାଇଁ ଆପଣ ପରାମର୍ଶ ଦେଇ ପାରନ୍ତି।

ଆପଣଙ୍କ ବିଶ୍ୱସ୍ତ<br>
କମିଶନର ତଥା ଶାସନ ସଚିବ

ସଂଲଗ୍ନ: ଉପରୋକ୍ତ ମତେ<br>
ମେମୋ ସଂଖ୍ୟା: ୯୭୭୬ ଆର୍ ଆଣ୍ଡ ଡି.ଏମ୍.                ତାରିଖ: ୨୫.୨.୨୦୦୮

ଏହି ପତ୍ରର ଅବିକଳ ନକଲ ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗ / କମିଶନର ତଥା ଶାସନ ସଚିବ, ଅନୁସୂଚୀତ ଜାତି ଓ ଅନୁସୂଚୀତ ଜନଜାତି ଉନ୍ନୟନ ବିଭାଗ, କମିଶନର ତଥା ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ, ଆର୍.ଡ଼ି.ସି. ସେଣ୍ଟ୍ରାଲ ଡିଭିଜନ, (କେନ୍ଦ୍ରାଞ୍ଚଳ) କଟକ, ଆର୍.ଡି.ସି. ଉତ୍ତରାଞ୍ଚଳ, ସମ୍ବଲପୁର  ଆର୍.ଡ଼ି.ସି., ଦକ୍ଷିଣାଞ୍ଚଳ ବ୍ରହ୍ମପୁରଙ୍କ ଅବଗତି ନିମନ୍ତେ ପଠାଗଲା।

କମିଶନର ତଥା ଶାସନ ସଚିବ